**Series ΨYZXW/C**

**Set-4**

**Q.P. Code 14**

Roll No. [ ][ ][ ][ ][ ][ ][ ][ ]

Candidates must write the Q.P. Code on the title page of the answer-book.

# ଓଡ଼ିଆ
# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

- ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **11** printed pages.
- Q.P. Code given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **14** questions.
- **Please write down the serial number of the question in the answer-book before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

***General Instructions :***

*Question paper is divided into **4** sections. It has total **14** questions.*

*Section A : 7 Questions no. 1 to 7*

*Section B : 1 Question no. 8*

*Section C : 2 Questions no. 9 and 10*

*Section D : 4 Questions no. 11 to 14*

*Attempt questions as per specific instructions.*

*Write question no. in answer book before attempting it.*

## PART I

## SECTION A

**1.** ଗଦ୍ୟ ବିଭାଗରୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି *8* ଟିର) *8×1=8*

(i) 'ଜନ୍ମଭୂମି' ପ୍ରବନ୍ଧଟି କେଉଁ ଭାବନାରେ ପରିପୁଷ୍ଟ ? *1*

(a) ଜୀବେଦୟା (b) ବସୁଧୈବ କୁଟୁମ୍ବକମ୍

(c) ଆତ୍ମନିର୍ଭରଶୀଳତା (d) ଶାନ୍ତିରକ୍ଷା

(ii) ଯେଉଁମାନେ ପୂର୍ବଜନ୍ମର ଘଟଣାବଳୀକୁ ସ୍ମରଣ କରିପାରନ୍ତି, ତା'ଙ୍କୁ କ'ଣ କୁହାଯାଏ ? *1*

(a) ଜାତୀସ୍ମର (b) ପୂର୍ବଜ

(c) ଜ୍ୟୋତିଷ (d) ଜନ୍ମସିଦ୍ଧି

(iii) କେଉଁ ଗ୍ରୀସୀୟ ଦେବତାଙ୍କ କଥା ପ୍ରବନ୍ଧରେ କୁହାଯାଇଛି ? *1*

(a) ସ୍ଫିଙ୍କ୍ସ (b) ପ୍ରମେଥିଅସ୍

(c) ଏଟ୍‌ଲାସ୍ (d) ହରକ୍ୟୁଲସ୍

(iv) ଜଡବିଜ୍ଞାନ ମୂଳରେ କେଉଁ ଶାସ୍ତ୍ର ନିହିତ ? *1*

(a) ମନୋବିଜ୍ଞାନ (b) ଦର୍ଶନଶାସ୍ତ୍ର

(c) ପଦାର୍ଥବିଜ୍ଞାନ (d) ଗଣିତଶାସ୍ତ୍ର

(v) ଭାରତର ବୈଶିଷ୍ଟ୍ୟ କ'ଣ ? *1*

(a) ମହାକାଶ ଗବେଷଣା (b) ଭୋଗବିଳାସ

(c) ଆଧ୍ୟାତ୍ମିକତା (d) ବିଜ୍ଞାନର ଉନ୍ନତି

(vi) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧ କେଉଁ ବହିରୁ ସଂଗୃହୀତ ? *1*

(a) ଓଡ଼ିଆ କେବେ (b) ଗଙ୍ଗାରୁ ଗୋଦାବରୀ
(c) ଭାରତ ଇତିହାସ (d) ମଣିଷର ଭାଷା

(vii) ହିବ୍ରୁଭାଷା କେଉଁ ଦେଶ ସହ ସଂପର୍କିତ ? *1*

(a) ପାଲେଷ୍ଟାଇନ୍ (b) ଇଜରାଇଲ୍
(c) ଇରାନ୍ (d) ହିବ୍ରୁଲ୍ୟାଣ୍ଡ

(viii) ଶାସିତଙ୍କୁ ଶାସକଙ୍କଠାରୁ କିଏ ଦୂରଇ ରଖିଛି ? *1*

(a) ଅମଲାତନ୍ତ୍ର (b) ବିଧିବ୍ୟବସ୍ଥା
(c) ଇଂରେଜିଭାଷା (d) ଗଣାଧମ

(ix) ବିବେକାନନ୍ଦ କେଉଁ ମସିହାରେ ପ୍ରଥମ କରି ପରିଭ୍ରମଣରେ ବାହାରିଲେ ? *1*

(a) 1868 (b) 1886
(c) 1893 (d) 1903

(x) 'କୋକିଲା ପେଟରେ ଧର୍ମ ଅନାବଶ୍ୟକ' – ଏହି ଉକ୍ତିଟି ବିବେକାନନ୍ଦ କାହାଠାରୁ ଶୁଣିଥିଲେ ? *1*

(a) କାର୍ଲମାର୍କସ୍ (b) ରାମକୃଷ୍ଣାନନ୍ଦ
(c) ରାମକୃଷ୍ଣ (d) ନିଜ ପିତା

**2.** ପଦ୍ୟ ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । *7×1=7*

(ଯେକୌଣସି *7* ଟିର)

(i) ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ କବି ଭାବରେ ସୁପରିଚିତ ? *1*

(a) ଶାନ୍ତକବି (b) କାନ୍ତକବି
(c) ଗୀତିକବି (d) ଗାଥାକବି

(ii) 'ଭୂଧର' କହିଲେ କ'ଣ ବୁଝାଯାଏ ? *1*

(a) ପୃଥିବୀ (b) ସମୁଦ୍ର
(c) ପର୍ବତ (d) ଘଞ୍ଚଅରଣ୍ୟ

(iii) ଭୀମ କେଉଁ ଦୈତ୍ୟକୁ ମାରି କୈଳାସ ଉଦ୍ଧାର କରିଥିଲେ ? *1*

(a) ନିକଷା (b) ଅଶ୍ଳେଷା

(c) ନିଶୁମ୍ଭ (d) ବାଣାସୁର

(iv) 'ପନ୍ନଗନାରାୟଣ' କିଏ ? *1*

(a) ବିଷ୍ଣୁ (b) ସହଦେବ

(c) ଶିବ (d) ଦୁର୍ଯ୍ୟୋଧନ

(v) 'ପ୍ରାଚୀ' କହିଲେ କେଉଁ ଦିଗକୁ ବୁଝାଏ ? *1*

(a) ପୂର୍ବ (b) ପଶ୍ଚିମ

(c) ଉତ୍ତର (d) ଦକ୍ଷିଣ

(vi) "ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ" – ଏ କଥା କାହାକୁ ଲକ୍ଷ୍ୟ କରି କୁହାଯାଇଛି ? *1*

(a) କବିସୂର୍ଯ୍ୟ ବଳଦେବରଥ

(b) କବିବର ରାଧାନାଥ ରାୟ

(c) ଭକ୍ତକବି ମଧୁସୂଦନ ରାଓ

(d) ପ୍ରକୃତିକବି ଗଙ୍ଗାଧର ମେହେର

(vii) ଫାଟମାଗଧ ବେଶରେ କିଏ ଆସିଥିଲା ? *1*

(a) କୁମ୍ଭାଟୁଆ (b) କଳିଙ୍ଗ

(c) ଭ୍ରମର (d) କୋଇଲି

(viii) କ'ଣ ଛିନ୍ନ କରିବାକୁ କବି ଆହ୍ୱାନ ଦେଇଛନ୍ତି ? *1*

(a) କ୍ରନ୍ଦନ (b) ବନ୍ଧନରାଜି

(c) ତିମିରକାରା (d) ଆଲୋକଧାରା

(ix) ମନସୁଖ ଲାଗି ହସକଥା କେଉଁଠାରେ ଭରି ରହିଛି ? *1*

(a) ଗଛଲତାରେ (b) ଫଳମୂଳରେ

(c) ସାଙ୍ଗସାଥୀମେଳରେ (d) ନଈସମୁଦ୍ରରେ

**3.** ଗଳ୍ପ ଓ ଏକାଙ୍କିକା ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି *5* ଟିର) *5×1=5*

(i) ଗ୍ରୁକର ପିଲାଟିର ନାଁ କ'ଣ ? *1*

(a) ମନୁଆ (b) ଚୈତନ

(c) ଚିନ୍ତନ (d) ଦନେଇ

(ii) କୁରାଢ଼ିଟି କେତେ ଲୁହାରେ ତିଆରି ହୋଇଥିଲା ? *1*

(a) ଏକ କିଲ (b) ଦୁଇ କିଲ

(c) ଦୁଇ କିଲ ଆଉ ଅଧେ (d) ତିନି କିଲ

(iii) ମନ୍ଦିର ଆଗରେ କାହା ଘର ? *1*

(a) ଲୋଖକଙ୍କର (b) ମନ୍ଦିରର ପୂଜକଙ୍କର

(c) ସୁରଜମଲଙ୍କର (d) ହରିଗୁଡ଼ିଆଙ୍କର

(iv) 'ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ' ଗଳ୍ପଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ? *1*

(a) ଉତ୍କଳ୍‌ପ୍ରଭା (b) ସତ୍ୟବାଦୀ

(c) ନବରବି (d) ଝଙ୍କାର

(v) ମହାପାତ୍ର କେଉଁଠାରେ ଘର କରିଛନ୍ତି ? *1*

(a) କଟକ (b) ମାଡ୍ରାସ

(c) ରାଉରକେଲା (d) ଭୁବନେଶ୍ୱର

(vi) ପୂରବୀ କାହା ଆଗରେ ବହିଟିକୁ ଟିକିନିଖି କରି ପଢ଼ନ୍ତି ? *1*

(a) ସୁବ୍ରତ (b) ପ୍ରୀତି

(c) ବେବି (d) ମହାପାତ୍ର

(vii) "ସୂର୍ଯ୍ୟଦେବ ସ୍ୱୟଂ ନାରାୟଣ" – ଏହା କିଏ କହିଛନ୍ତି ? *1*

(a) ଶିବେଇ (b) ନରସିଂହଦେବ

(c) ଛାୟାଦେବୀ (d) ଧରମା ମାଆ

**4.** ରୂଢ଼ି ପ୍ରୟୋଗର ଯଥାର୍ଥ ଉତ୍ତରଟି ଲେଖ । (ଯେକୌଣସି *5* ଟିର) *5×1=5*

(i) ଦେହଲଗା *1*

(a) ଅତି ବିଶ୍ୱାସୀ (b) ପଡ଼ୋଶୀ

(c) ପାଖରେ ବସିବା (d) ଗୁପ୍ତ ଶତ୍ରୁ

(ii) ଅନ୍ଧବୁଝାମଣା 1

(a) ଅସହାୟର ସହାୟ (b) ଅନ୍ୟାୟ ବିଗ୍ରହ

(c) ଘୋର ଶତ୍ରୁତା (d) ମୂଲ୍ୟହୀନ କଥା

(iii) ଜପାମାଳି 1

(a) ଆପ୍ରାଣଚେଷ୍ଟା (b) ମାଳା

(c) ଆପ୍ରାଣ ସାଧନା (d) ଅତିପ୍ରିୟ

(iv) ଚଳୁ କରିଦେବା 1

(a) ସବୁଶେଷ କରିଦେବା (b) ଜଗି ବସିବା

(c) ପ୍ରସ୍ତୁତ ହେବା (d) କାର୍ଯ୍ୟ ଆରମ୍ଭ କରିବା

(v) ତିଳକୁ ତାଳ କରିବା 1

(a) ପରିଶ୍ରମ କରିବା (b) କାମ ସାରିଦେବା

(c) ଛୋଟକଥାକୁ ବଡ଼ କରିବା (d) କୌଶଳ ଦେଖାଇବା

(vi) ନାକେଦମ କରିବା 1

(a) ଘୃଣା କରିବା (b) ଅଥୟ କରିବା

(c) ସାହା ହେବା (d) ବିଫଳ କରିବା

(vii) ମୁହଁ ଦେବା 1

(a) ପ୍ରଶ୍ରୟ ଦେବା (b) ବୁଝାଇବା

(c) ଆରମ୍ଭ କରିବା (d) ମୁହଁ ଦେଖାଇବା

**5.** ଶୁଦ୍ଧ ପ୍ରୟୋଗର ଆଧାରରେ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି *5* ଟିର) 5×1=5

(i) (a) ଯାତୟତ (b) ଯାତାୟତ

(c) ଯାତାୟାତ (d) ଯାତୟାତ 1

(ii) (a) ପୂରସ୍କାର (b) ପୁରସ୍କାର

(c) ପୁରଷ୍କାର (d) ପୂରଶ୍କାର 1

(iii) (a) ଧୂମ୍ରପାନ (b) ଧୋମପାନ

(c) ଧୂମପାନ (d) ଧୂମାପାନ 1

| | | | | |
|---|---|---|---|---|
| (iv) | (a) ବିସର୍ଣ୍ଣ | (b) ବିସଣ୍ଣ | | |
| | (c) ବିଷର୍ଣ୍ଣ | (d) ବିଷଣ୍ଣ | | *1* |
| (v) | (a) ଶାରିରିକ | (b) ଶାରିରୀକ | | |
| | (c) ଶାରୀରୀକ | (d) ଶାରୀରିକ | | *1* |
| (vi) | (a) ଗୋଲକବିହାରୀ | (b) ଗୋଲୋକବିହାରୀ | | |
| | (c) ଗୋଲକବିହାରି | (d) ଗୋଲୋକବିହାରି | | *1* |
| (vii) | (a) ମୀନତୀ | (b) ମୀନତି | | |
| | (c) ମିନତି | (d) ମିନତୀ | | *1* |

**6.** ଉତ୍ତରପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି *5* ଟିର) *5×1=5*

(i) କେଉଁ ଛନ୍ଦର ଅନ୍ୟନାମ ଗୁଜ୍ଜରୀ ? *1*

(a) ନଟବାଣୀ (b) ଭାଗବତବାଣୀ

(c) ବଙ୍ଗଳାଶ୍ରୀ (d) ରାମକେରୀ

(ii) ନଟବାଣୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ? *1*

(a) 9 (b) 12

(c) 16 (d) 20

(iii) କେଉଁ ଛନ୍ଦର ପ୍ରତ୍ୟେକ ପାଦର ନବମ, ଏକାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ? *1*

(a) ନଟବାଣୀ (b) ଭାଗବତବାଣୀ

(c) ରାମକେରୀ (d) ବଙ୍ଗଳାଶ୍ରୀ

(iv) କେଉଁ ଛନ୍ଦର ପ୍ରତ୍ୟେକ ପାଦର 3ୟ, 5ମ ଓ 9ମ ଅକ୍ଷର ଉପରେ ଯତିପାତ ହୁଏ ? *1*

(a) ଭାଗବତବାଣୀ (b) ନଟବାଣୀ

(c) ରାମକେରୀ (d) ବଙ୍ଗଳାଶ୍ରୀ

(v) ବଙ୍ଗଳାଶ୍ରୀ ଛନ୍ଦର ଦୁଇପାଦର ଅକ୍ଷର ସଂଖ୍ୟା କେତେ ? *1*

(a) 18 (b) 32

(c) 40 (d) 24

(vi) "ମାଆ ମାଆ ବୋଲି କେତେ ମୁଁ ଖୋଜିଲି ମାଆକୁ ପାଇଲି ନାହିଁ" – ଏହା କେଉଁ ଛନ୍ଦ ଅନ୍ତର୍ଗତ ? *1*

(a) ରାମକେରୀ (b) ବଙ୍ଗଳାଶ୍ରୀ

(c) ଭାଗବତବାଣୀ (d) ନଟବାଣୀ

(vii) "କଳା କଳେବର କହ୍ନାଇ ସଙ୍ଗେ ହୋହିଣୀ ସୁତ" – ଏହା କେଉଁ ଛନ୍ଦ ଅନ୍ତର୍ଗତ ? *1*

(a) ବଙ୍ଗଳାଶ୍ରୀ (b) ରାମକେରୀ

(c) ନଟବାଣୀ (d) ଭାଗବତବାଣୀ

**7.** ଉତ୍ତରପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି *5* ଟିର) *5×1=5*

(i) ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ । – ଏହା କେଉଁ ପ୍ରକାର ବାକ୍ୟ ? *1*

(a) ସରଳ (b) ଯୌଗିକ

(c) ଜଟିଳ (d) ସରଳ ଓ ଜଟିଳ

(ii) ମୋ ବାପା ବଜାରକୁ ଯାଇ ମୋ ପାଇଁ ବହି, ଖାତା ଓ କଲମ ଆଣିଲେ । ଏହା କେଉଁ ପ୍ରକାର ବାକ୍ୟ ? *1*

(a) ସରଳ (b) ଯୌଗିକ

(c) ସରଳ ଓ ଯୌଗିକ (d) ଜଟିଳ

(iii) ଯଦି ଝଡ଼ ହେବ, ତେବେ ମୁଁ ଯାଇପାରିବି ନାହିଁ । ସରଳ ବାକ୍ୟରେ ଏହାକୁ କ'ଣ କୁହାଯିବ ? *1*

(a) ଝଡ଼ ହେବ ଓ ମୁଁ ଯାଇ ପାରିବି ନାହିଁ ।

(b) ଝଡ଼ ହେଲେ ମୁଁ ଯାଇପାରିବି ନାହିଁ ।

(c) ଝଡ଼ ନ ହେଲେ ମୁଁ ଯାଇପାରିବି ନାହିଁ ।

(d) ଝଡ଼ ହେବ, କିନ୍ତୁ ମୁଁ ଯାଇପାରିବି ।

(iv) ସତ୍ୟବାଦୀ ସର୍ବଦା ନିର୍ଭୀକ । – ଏହାକୁ ଜଟିଳ ବାକ୍ୟରେ କ'ଣ କୁହାଯିବ ? *1*

(a) ସତ୍ୟ କହୁଥିବା ବ୍ୟକ୍ତି କାହାକୁ ଡରେ ନାହିଁ ।

(b) ବ୍ୟକ୍ତି ସତ କହେ ଓ ସେଥିପାଇଁ କାହାକୁ ଡରେ ନାହିଁ ।

(c) ଯେ ସତ୍ୟବାଦୀ, ସେ ସର୍ବଦା ନିର୍ଭୀକ ।

(d) ବ୍ୟକ୍ତି ସତ କହିଲେ କାହାକୁ ଡରିବ ନାହିଁ ।

(v) ମାନୁ ଭଲ ନାଚ଼ିବାରୁ ପୁରସ୍କୃତ ହେଲା । – ଏହାକୁ ଯୌଗିକ ବାକ୍ୟରେ କ'ଣ କୁହାଯିବ ? *1*

(a) ଯେହେତୁ ମାନୁ ଭଲ ନାଚ଼ିଲା, ସେଥିପାଇଁ ପୁରସ୍କୃତ ହେଲା ।

(b) ମାନୁ ଭଲ ନାଚ଼ିଲା ଓ ପୁରସ୍କୃତ ହେଲା ।

(c) ଯେବେ ମାନୁ ଭଲ ନାଚ଼ିଲା, ସେବେ ପୁରସ୍କୃତ ହେଲା ।

(d) ଭଲ ନାଚ଼ିବାରୁ ମାନୁ ପୁରସ୍କୃତ ହେଲା ।

(vi) ଘରେ ଅଶାନ୍ତି ଦେଖା ଦେଇଛି, ତେଣୁ ମୁଁ ସଭାକୁ ଯାଇପାରିବି ନାହିଁ । – ଏହା କେଉଁ ପ୍ରକାର ବାକ୍ୟ ? *1*

(a) ସରଳ (b) ଯୌଗିକ

(c) ଜଟିଳ (d) ସରଳ ଓ ଯୌଗିକ

## PART II
## SECTION B

**8.** ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*
(ଯେକୌଣସି *5* ଟିର)

ଆଜି ମାନବ ଜାତିର ସଙ୍କଟର ସମୀକ୍ଷା କରିବାକୁ ଯାଇ ଯେତେ ମତବାଦର ପ୍ରଗ୍ରର ହୋଇଛି, ସେ ସବୁରେ ସତ୍ୟତା ଯେ ନାହିଁ, ତାହା ନୁହେଁ । ଅଧିକାଂଶ ମତବାଦର କିଛି ନା କିଛି ସତ୍ୟତା ନିଶ୍ଚିତ ଭାବରେ ରହିଛି । କିନ୍ତୁ ସମସ୍ୟା ହେଲା, ପ୍ରତ୍ୟେକ ନିଜ ସମର୍ଥିତ ମତବାଦକୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କରିବାକୁ ଗ୍ହୁଁ ଛନ୍ତି । କୋଣସି କ୍ଷେତ୍ରରେ ଭିନ୍ନ ମତବାଦକୁ ପ୍ରଶ୍ରୟ ଦିଆଯାଉ ନାହିଁ । ଏହାଦ୍ୱାରା ପ୍ରକୃତ ସତ୍ୟର ଉଦ୍‌ଘାଟନ କରିବା ବଦଳରେ ମତବାଦ

ମଧ୍ୟରେ ଲଢ଼େଇ ଜାରି ରହିଛି । ସମୟ ସମୟରେ ଏହା ଉତ୍କଟ ରୂପ ଧାରଣ କରି ସମାଜର କ୍ଷତିସାଧନ କରି   ଲିଛି । ଏପରି କ୍ଷେତ୍ରରେ ଅନେକ ବୁଦ୍ଧିଜୀବୀ କୌଣସି ମତବାଦର ପକ୍ଷ ସମର୍ଥନ ନ କରି ନିରପେକ୍ଷ ରହିବାକୁ ଶ୍ରେୟ ମଣୁଛନ୍ତି । ଏପରି କରିବା ଦ୍ୱାରା ସମସ୍ୟାର କେତେଦୂର ସମାଧାନ ହୋଇପାରୁଛି, ତାହା ବିଗ୍ର୍ଯ୍ୟ । ଭାରତବର୍ଷ ସବୁବେଳେ ଭିନ୍ନମତକୁ ସମ୍ମାନ ଦେଇ ଆସିଛି । ସମସ୍ତଙ୍କର ମଙ୍ଗଳ ହେଲା ଭଳି ମତବାଦକୁ ଶ୍ରେଷ୍ଠ ମତବାଦର ଆଖ୍ୟା ଦିଆଯିବା ସ୍ୱାଭାବିକ । ଏଥିରେ ବ୍ୟକ୍ତିଗତ ଲାଭକ୍ଷତି ବା ଅସୂୟା କିମ୍ବା ପକ୍ଷପାତିତାର ପ୍ରଶ୍ନ ଉଠୁନାହିଁ । ଗଣତାନ୍ତ୍ରିକ ଶାସନଧାରାକୁ ସର୍ବଗ୍ରହଣୀୟ କୁହାଯାଇଛି, କାରଣ ଏହା ସର୍ବଦା ଭିନ୍ନମତକୁ ସମ୍ମାନ ଓ ସ୍ୱୀକାର କରେ । କାହାରି ଉପରେ କୌଣସି ମତବାଦ ବା ବିଗ୍ରଧାରାକୁ ଲଦି ଦେବା ଉଚିତ ନୁହେଁ । ଏହା ଦ୍ୱାରା ଲାଭ ବଦଳରେ ଅଧିକ କ୍ଷତି ସାଧନ ହୋଇଥାଏ ।

(i) ଗଣତାନ୍ତ୍ରିକ ଶାସନଧାରାକୁ ସର୍ବଗ୍ରହଣୀୟ କାହିଁକି କୁହାଯାଉଛି ?

(ii) କେଉଁଥିରେ ଅଧିକ କ୍ଷତି ସାଧନ ହୋଇଥାଏ ?

(iii) ବୁଦ୍ଧିଜୀବୀମାନେ କେଉଁ ଭୂମିକା ନିର୍ବାହ କରୁଛନ୍ତି ?

(iv) ଅଧିକାଂଶ ମତବାଦର ବିଶେଷତ୍ୱ କ'ଣ ?

(v) ପ୍ରକୃତ ସତ୍ୟର ଉଦଘାଟନ କାହିଁକି ହୋଇପାରୁ ନାହିଁ ?

(vi) ଭାରତବର୍ଷ କାହାକୁ ସମ୍ମାନ ଦେଇଆସିଛି ?

(vii) ସମସ୍ତଙ୍କର ମଙ୍ଗଳ ହେଲା ଭଳି ମତବାଦକୁ କେଉଁ ଆଖ୍ୟା ଦିଆଯାଏ ?

## SECTION C

**9.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *6*

(i) ଗଣାଧମର ଉପଯୋଗିତା

(ii) ବିଶ୍ୱଶାନ୍ତି

(iii) ପ୍ରାକୃତିକ ସଂପଦର ସୁରକ୍ଷା

**10.** (a) 'ବୃଷ୍ଟିଜଳର ଉପଯୋଗ' ଶୀର୍ଷକ ତୁମ ଲିଖିତ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । *6*

**କିମ୍ବା**

(b) 'ନାଗରିକର ମୌଳିକ କର୍ତ୍ତବ୍ୟ' ଶୀର୍ଷକ ତୁମ ଲିଖିତ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ନିଜର ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION D

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ***ଗୋଟିକର***) 5

(i) ସମୟ–ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସିଗଲିଛି ।

(ii) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତା'ଙ୍କ ହୃଦୟ ବିଗଳିତ ହେଲା ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *2* ଟିର) 2×2=4

(i) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?

(ii) ରୁଷ ସରକାର ପ୍ରତ୍ୟେକ ସୋଭିଁଏତ୍‌ରେ ଲୋକମାନଙ୍କୁ କେଉଁ ଅଧିକାର ଦେଇଛନ୍ତି ?

(iii) ବିବେକାନନ୍ଦଙ୍କର ଅସଲ ଶକ୍ତି କ'ଣ ?

**13.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିକର***) 5

(i) "ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି
ପୃଥିବୀ ଦଲଦଲିତ କମ୍ପଇ ମେଦିନୀ ।"

(ii) "ଭାଜି ପଡୁ ଆଜି ଅର୍ଗଳ ରାଜି
ଯେନ ବିଜୟର ମାଳା ।"

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *2* ଟିର) 2×2=4

(i) ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତିବନ୍ଦନା କରୁଛନ୍ତି ?

(ii) ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

(iii) ମାଟିର ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ?